
# ସତ୍ୟବାକ୍ୟ

# THE WORD OF TRUTH



**NOVEMBER & DECEMBER - 2012**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
**Joshua & Kabita Gootam.**

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

**Vol.21.NOV&DEC-2013.No-6**

Published every two months in **Oriya** language for
the Restoration of pure New Testament Christian


### ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ । ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/– ଟଙ୍କା ନିମ୍ନଲିଖିତ ଠିକଣାରେ **M.O.** ଦ୍ୱାରା ପଠାଇବାକୁ ଅନୁରୋଧ କରୁ ।


**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ

# VOICE OF TRUTH

VOL - XVII KAKINADA NOV-DEC-2012


## ଭବିଷ୍ୟଦ୍‌ବକ୍ତ୍ରୀ ମରିୟମ୍

## (Miriam - The Prophetess)

ପିତାମାତାଙ୍କ ନାମ ଅମ୍ରମ ଓ ଯାକେବଦ । ଜ୍ୟେଷ୍ଠ ପୁତ୍ରଙ୍କ ଦୁଇ ସୁଖ୍ୟାତ ଭ୍ରାତା ହାରୋଣ ଓ ମୋଶା । ଇଶ୍ରାଏଲ ମିସର ଦେଶରେ ଦାସତ୍ୱର ଥିବା ସମୟରେ ତାହାଙ୍କ ଜନ୍ମ ହୋଇଥିଲା । ତାହାଙ୍କ ଜୀବନର ତିନୋଟି ଘଟଣା ଆମ୍ଭେମାନେ ପବିତ୍ର ବାଇବଲରେ ପଢ଼ିଥାଉଁ । ଇଶ୍ରାଏଲର ପ୍ରତ୍ୟେକ ନବଜାତ ଶିଶୁକୁ ନଦୀରେ ନିକ୍ଷେପ କରିବା ନିମନ୍ତେ ଫାରୋଙ୍କ ଆଜ୍ଞା ଥିବା ସତ୍ତ୍ୱେ, ଅମ୍ରମ ଓ ଯାକେବଦ ଆପଣାର ତୃତୀୟ ସନ୍ତାନ ମୋଶାଙ୍କୁ ଅତି ସୁନ୍ଦର ଦେଖି ତିନି ମାସ ପର୍ଯ୍ୟନ୍ତ ଗୋପନରେ ରଖିଲେ । ଆଉ ଗୋପନରେ ରଖି ନପାରି ନଳ ନିର୍ମିତ ପେଡ଼ି ଘେନି ମାଟିଆ ତେଲ ଓ ଝୁଣା ଲେପନ କରି ତହିଁ ମଧ୍ୟରେ ସେହି ବାଳକକୁ ଥୋଇ ନଦୀତୀରସ୍ଥ ନଳବନରେ ରଖି, ତାହାର କି ଦଶା ହେବ ତାହା ଦେଖିବା ନିମନ୍ତେ ତାହାର ଭଗିନୀ ଦୂରରେ ଠିଆ ହୋଇ ରହିଲା । ସ୍ନାନ ନିମନ୍ତେ ନଦୀ ତୀରକୁ ଆସିଥିବା ଫାରୋଙ୍କ କନ୍ୟା, ପେଡ଼ି ଫିଟାଇ କ୍ରନ୍ଦନ କରୁଥିବା ଶିଶୁର ସନ୍ଧାନ ପାଇଲେ । ଶିଶୁର ଭଗିନୀ ମରିୟମ ତାହାଙ୍କୁ କହିଲେ, ବାଳକଟିକି ସ୍ତନ୍ୟପାନ କରାଇବା ପାଇଁ କି ଏବ୍ରୀୟା ସ୍ତ୍ରୀଗଣ ମଧ୍ୟରୁ ଜଣେ ଧାତ୍ରୀକି ଡ଼ାକି ଆଣିବି? ...ତହୁଁ ସେ ବାଳିକା ଯାଇ ବାଳକର ମାତାକୁ ଡ଼ାକି ଆଣିଲା ! ତେବେ ଫରୋଙ୍କର କନ୍ୟା କହିଲା; ତୁମ୍ଭେ ଏ ବାଳକକୁ ନେଇ ମୋ ନିମନ୍ତେ ସ୍ତନ୍ୟପାନ କରାଅ; ମୁଁ ତୁମ୍ଭକୁ ବର୍ତ୍ତନ ଦେବି, ତହୁଁରେ ସେ ସ୍ତ୍ରୀ ବାଳକକୁ ନେଇ ସ୍ତନ୍ୟପାନ କରାଇଲା ।" (ଯାତ୍ରା ୨:୬-୯) ।

ପ୍ରାୟ ଚତୁର୍ଦ୍ଦଶୀୟା ବାଳିକା ମରିୟମ ଏକ ବିଶ୍ୱସ୍ତା କନ୍ୟା ଥିବାରୁ, ତାହାଙ୍କ ମାତା ଯାକବେଦ ତାହାଙ୍କୁ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ଭାର ସମର୍ପି ଥିଲେ । ତିନିମାସ ଶିଶୁ ମୋଶାଙ୍କ ସୁରକ୍ଷାର ଭାର ତାହାଙ୍କର ଥିଲା । ସେ ଆପଣା କାର୍ଯ୍ୟ ସମର୍ଥଭାବେ ସମ୍ପନ୍ନ କରିବେ ବୋଲି ମାତା ଯାକେବଦ ତାହାଙ୍କ ଉପରେ ଭରସା କରିଥିଲେ । ସେ ଆପଣା

କର୍ତ୍ତବ୍ୟରେ ଅବହେଳାକରି ନଥିଲେ । ପରମେଶ୍ୱରଙ୍କ ମନୋନୀତ ମୋଶାଙ୍କ ଜୀବନ ପରମେଶ୍ୱରଙ୍କ ଦକ୍ଷିଣହସ୍ତ, ମରୟମଙ୍କ ଦ୍ୱାରା ରକ୍ଷା କରିଥିଲେ । ମରିୟମଙ୍କ ଏହି କାର୍ଯ୍ୟ ଦ୍ୱାରା ମୋଶା, ଆପଣା ମାତା ଯାକେବଦଙ୍କ କୋଳରେ ନିର୍ଭୟରେ ଏକ ରାଜପୁତ୍ର ଭାବେ ପାଳିତ ହେବାର ସୁଯୋଗ ପାଇଲେ । ସଦାପ୍ରଭୁ କୋମଳ ବାଳକ ବାଳିକାମାନଙ୍କ ଦ୍ୱାରା ମଧ୍ୟ ଅନେକ ମହତ୍ତୋର କାର୍ଯ୍ୟ ସାଧନ କରନ୍ତି । ଚତୁର୍ଦ୍ଦଶ ବର୍ଷୀୟ ମରିୟମଙ୍କ କାର୍ଯ୍ୟ ଦ୍ୱାରା ମହାନ ନେତା ମୋଶା ଜୀବନ ସୁରକ୍ଷିତ ହୋଇଥିଲା । ଏକ କ୍ଷୁଦ୍ର ଦାସୀ ବାଳିକାଙ୍କ ଦ୍ୱାରା ସିରିଆ ଦେଶର ସେନାପତି ନାମାନ, ମହାନ ଭାବବାଦୀ ଇଲିଶାୟଙ୍କ ବିଷୟ ଜାଣି ପାରିଥିଲେ । ମହାବିକ୍ରମଶାଳୀ କୁଷ୍ଠୀ ନାମନ, ଇଲୀଶାୟଙ୍କ ନିକଟକୁ ଯାଇ ସୁସ୍ଥତା ପ୍ରାପ୍ତ ହୋଇଥିଲେ । (ଦ୍ୱି:ରା: ୫ପଦ ପର୍ବ) । ଏକ କ୍ଷୁଦ୍ର ବାଳକର ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା, ଯୀଶୁଖ୍ରୀଷ୍ଟ ପାଞ୍ଚ ହଜାର ପୁରୁଷ ଓ ଅସଂଖ୍ୟ ସ୍ତ୍ରୀ ଓ ବାଳକ ବାଳିକା ମାନଙ୍କୁ ଖାଦ୍ୟ ପରିବେଷଣ କରିଥିଲେ ।

ଦୀର୍ଘ ଅଶୀ ବର୍ଷପରେ, ମରିୟମ ଜୀବନର ଅନ୍ୟ ଏକ ଘଟଣା ପବିତ୍ର ବାଇବଲରେ ପଢ଼ିଥାଉଁ । ପରମେଶ୍ୱରଙ୍କ ବାହୁବଳ ଦ୍ୱାରା ମୋଶାଙ୍କ ନେତୃତ୍ୱରେ ଇଶ୍ରାଏଲ ଜାତି ଦାସତ୍ୱରୁ ମୁକ୍ତ ହୋଇଥିଲେ । ରକ୍ତ ସମୁଦ୍ର ଦୁଇଭାଗ ହେଲା । ଶୁଷ୍କ ରକ୍ଷା ପଥରେ ଇଶ୍ରାଏଲ ଗମନ କରି ଫାରୋ ସୈନ୍ୟବଳରୁ ରକ୍ଷା ପାଇ ମୋଶା ଓ ଇଶ୍ରାଏଲ-ସନ୍ତାନଗଣ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ସ୍ତୁତିଗାନ କଲେ, ଯାହା ଆମ୍ଭେ ପଢ଼ିଥାଉ । ଯାତ୍ରା ( ୧୫:୧-୧୯ ) ଅନନ୍ତର ହାରୋଣଙ୍କର ଭଗନୀ ଭବିଷ୍ୟଦ୍‌ବକ୍ତ୍ରୀ ମରିୟମ ହସ୍ତରେ ଦାରା ନେଲେ ଓ ତାଙ୍କର ପଛେ ପଛେ ଅନ୍ୟ ସକଳ ଦାରା ନେଇ ନୃତ୍ୟ କରୁ କରୁ ବାହାର କଲେ । ସେତେବେଳେ ମରିୟମ ଲୋକମାନଙ୍କୁ ଉତ୍ତର କଲେ, ତୁମ୍ଭେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗାୟନ କର, କାରଣ ସେ ଅତିଶୟ ଉନ୍ନତ ହୋଇ ଅଛନ୍ତି । ସେ ଅଶ୍ୱ ଓ ଅଶ୍ୱାରୁଢ଼ ଲୋକମାନଙ୍କୁ ସମୁଦ୍ରରେ ନିକ୍ଷେପ କରି ଅଛନ୍ତି । (ଯାତ୍ରା ୨୦:୨୦-୨୧) । ଦୀର୍ଘ ଚାରିଶହ ବର୍ଷ ବନ୍ଦୀତ୍ୱରୁ ମୁକ୍ତ କରିଥିବା ସୈନ୍ୟାଧିପତି ସଦାପ୍ରଭୁଙ୍କୁ ସେ ଇଶ୍ରାଏଲୀୟ ସମସ୍ତ ସ୍ତ୍ରୀମାନଙ୍କ ସହିତ ନୃତ୍ୟ କରୁ କରୁ ପ୍ରଶଂସା ଗାନ କରିଥିଲେ ।

ମରିୟମ ସଦୃଶ୍ୟ ଆମ୍ଭମାନଙ୍କୁ ପାପର ଦାସତ୍ୱରୁ ମୁକ୍ତ କରି,ଜୀବନର ପ୍ରବେଶ କରିଥିବା ସଦାପ୍ରଭୁଙ୍କର ସର୍ବଦା ପ୍ରଶଂସା ଗାନ କରୁ । ତାହାଙ୍କ ଦତ୍ତ ସକଳ ମଙ୍ଗଳ ଦାନ ନିମନ୍ତେ ସଦାସର୍ବଦା ତାହାଙ୍କ ପ୍ରଶଂସା ଗାନ କରୁ । ଦାଉଦ ମହାରାଜା ଆପଣାର ମନକୁ କହନ୍ତି, "ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର, ହେ, ମୋହର ମନ ଅନ୍ତରସ୍ଥ ସମସ୍ତ ତାହାଙ୍କ ପବିତ୍ର ନାମର ଧନ୍ୟବାଦ କର । ହେ ମୋହର ମନ, ସଦାପ୍ରଭୁଙ୍କର

ଧନ୍ୟବାଦ କର । ହେ ମୋହର ମନ, ସଦାପ୍ରଭୁଙ୍କର ଧନ୍ୟବାଦ କର ଓ ତାହାଙ୍କର ମଙ୍ଗଳ ଦାନ ସବୁ ପାସୋର ନାହିଁ । ସେ ତୁମ୍ଭର ଅଧର୍ମ ସବୁ କ୍ଷମା କରନ୍ତି । ସେ ତୁମ୍ଭର ଅଧର୍ମ ସବୁ କ୍ଷମା କରନ୍ତି ସେ ତୁମ୍ଭର ରୋଗ ସବୁ ସୁସ୍ଥ କରନ୍ତି, ସେ ସ୍ନେହପୂର୍ଣ୍ଣ କରୁଣା ଓ ଦୟାରୂପ ମୁକୁଟରେ ତୁମ୍ଭକୁ ଭୂଷିତ କରନ୍ତି । ସେ ଉତ୍ତମ ବସ୍ତୁରେ ତୁମ୍ଭର ମୁଖ ତୃପ୍ତ କରନ୍ତି, ତହୁଁ ଉତ୍କ୍ରୋଶ ପକ୍ଷୀ ନ୍ୟାୟ ତୁମ୍ଭର ନୂତନ ଯୌବନ ହୁଏ ।" (ଗୀତ ୧୦୩:୧-୫) । ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କର ଗୌରବ ଓ ସମ୍ଭବ ହେଉ ।

ଅନେକ ବକ୍ତାଗଣଙ୍କ ସ୍ତୁତିଗାନ, ଆମ୍ଭେମାନେ ବାଇବଲରେ ପଢ଼ିଥାଉଁ । ଈଶ୍ରାଏଲ ସ୍ତୁତିଗାନ କଲେ । ମୋଶା ସଦାପ୍ରଭୁଙ୍କ ସ୍ତୁତିଗାନ କଲେ । (ଯାତ୍ରା ୧୫:୧-୧୯) । ଦାଉଦଙ୍କ ୭୩ ସ୍ତୁତିଗାନ, ଆମ୍ଭେମାନେ ଗୀତ ସଂହିତାରେ ପଢ଼ିଥାଉଁ । ରାଜା ହିଜକିୟ ସାଙ୍ଘାତିକ ପୀଡ଼ାରୁ ସଦାପ୍ରଭୁଙ୍କ ଦ୍ୱାରା ସୁସ୍ଥ ହୋଇ ଏକ ସ୍ତୁତିଗାନ ଲେଖିଲେ, ଯାହା ଆମ୍ଭେମାନେ ଯିଶାଇୟ (୩୮:୧୦-୨୦) । ବନ୍ଧ୍ୟା ହନ୍ନାଙ୍କ ପ୍ରାର୍ଥନା ସଦାପ୍ରଭୁ ଶ୍ରବଣ କରି, ତାହାଙ୍କୁ ଏକ ପୁତ୍ର ସନ୍ତାନ ଦାନ କରିଥିଲେ । ସ୍ତନ୍ୟପାନ ପରିତ୍ୟାଗ କରିବା ପର୍ଯ୍ୟନ୍ତ ଆପଣା ପୁତ୍ର ଶାମୂୟେଲ (ଅର୍ଥାତ୍ ପରମେଶ୍ୱରଙ୍କ ଦତ୍ତ)ଙ୍କ ସଦାପ୍ରଭୁଙ୍କ ଗୃହକୁ ଘେନି ଯାଇ ସଦାପ୍ରଭୁଙ୍କ ପ୍ରଶଂସାଗାନ କରିଥିଲେ । (ପ୍ର: ଶା: ୨:୧-୧୦) । ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତରେ ଆପଣା ଗର୍ଭ ଦ୍ୱାରା ପ୍ରବେଶ କରିବାର ସୌଭାଗ୍ୟ ଜ୍ଞାତ ହୋଇ, କନ୍ୟା ମରିୟମ ସଦାପ୍ରଭୁଙ୍କ ଧନ୍ୟବାଦ ଯୋହନଙ୍କ ଜନ୍ମରେ, ତାହାଙ୍କ ପିତା ଜିଖରିୟ ଈଶ୍ୱରଙ୍କ ସ୍ତୁତିଗାନ କରିଥିଲେ । (ଲୂକ ୨: ୬୮-୭୫) ।

ଯୀଶୁଖ୍ରୀଷ୍ଟ ଏହି ଜଗତରେ ଜୀବନଯାପନ କରିବା ସମୟରେ, ଅନେକ ଥର ପିତା ପରମେଶ୍ୱରଙ୍କୁ ସ୍ତୁତିଗାନ କରିବା, ବାଇବଲରେ ପଢ଼ିଥାଉଁ । ପ୍ରେରିତ ପାଉଲ ଆପଣା ପତ୍ରିକା ଦ୍ୱାରା ପ୍ରତ୍ୟେକ ମଣ୍ଡଳୀ କି ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ସଦାସର୍ବଦା ପ୍ରଶଂସା କରିବା ନିମନ୍ତେ ଆଜ୍ଞା ଦିଅନ୍ତି । ସ୍ତୋତ୍ର ଓ ଆଧାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର । ସର୍ବଦା ସର୍ବ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ । ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।" (ଏଫିସୀ ୫:୧୯-୨୦, କଲସୀ ୩:୧୫-୧୬) ।

ମରିୟମଙ୍କ ଜୀବନର ତୃତୀୟ ଘଟଣା ଆମ୍ଭେମାନେ ଗଣନା ପୁସ୍ତକ ୧୨ ଅଧାୟରେ ପଢ଼ିଥାଉଁ । ମୋଶାଙ୍କ କୂଶୀୟ ଭାର୍ଯ୍ୟା ହେତୁ, ମରିୟମ ଓ ହରୋଣ ତାହାଙ୍କ ବିରୁଦ୍ଧରେ କଥା  କହିଲେ । ସେମାନଙ୍କ ବରସା ସଦାପ୍ରଭୁ କ୍ରୋଧିତ କଲେ ଓ ତାହାଙ୍କ

କ୍ରୋଧ ହେତୁ ସେ କୁଷ୍ଠଗ୍ରସ୍ତା ହେଲେ । ମୋଶାଙ୍କ ପ୍ରାର୍ଥନା ପ୍ରତିଫଳ ସେ ସାତଦିନ ପରେ ସୁସ୍ଥତା ପ୍ରାପ୍ତ ହେଲେ ।

ମରିୟମଙ୍କ ଉପରେ ସଦାପ୍ରଭୁଙ୍କ କ୍ରୋଧ ପ୍ରଜ୍ୱଳିତ ହେଲା, କାରଣ ସେ ମୋଶାଙ୍କ ବିରୁଦ୍ଧରେ କଥା କହିଥିଲେ । ମୋଶା ପୃଥିବୀସ୍ଥ ସମସ୍ତ ଲୋକଙ୍କ ଠାରୁ ଅତି ନମ୍ର ଲୋକ ଥିଲେ ଓ ସେ ସଦାପ୍ରଭୁଙ୍କ ମନୋନୀତ ନେତା , ଭାବବାଦୀ । ବନ୍ଧୁ ସହିତ କଥୋପକଥନ କଲା ପରି ସେ ମୋଶାଙ୍କ ସହିତ ମୁଖାମୁଖି କଥା କରୁଥିଲେ । ସେ ଈଶ୍ରାଏଲ ଓ ସଦାପ୍ରଭୁଙ୍କ ମଧ୍ୟରେ ମଧ୍ୟବର୍ତ୍ତୀ ଥିଲେ ।

**ତାହାଙ୍କ ପାପର କାରଣ :-**

ସେ କହିଲେ, "ସଦାପ୍ରଭୁ କି କେବଳ ମୋଶାଙ୍କ ସହିତ କଥା କହି ଅଛନ୍ତ ? ସେ କି ଆମ୍ଭମାନଙ୍କ ସହିତ ମଧ୍ୟ କଥା କହି ନାହାନ୍ତି ?" (ଗଣନା ୧୨:୨) । ସେ ଆପଣାକୁ ମହାନ ନେତା ମୋଶାଙ୍କ ସମତୁଲ୍ୟ କଲେ । ଏହା ତାହାଙ୍କ ଅହଙ୍କାରର କାରଣ । ସଦାପ୍ରଭୁ ଅହଙ୍କାରୀ ମାନଙ୍କୁ ଘୃଣା କରନ୍ତି । କିନ୍ତୁ ବାକ୍ୟ କହେ, "ମୋଶା ପୃଥିବୀସ୍ଥ ସମସ୍ତ ଲୋକଙ୍କ ଠାରୁ ଅତି ନମ୍ର ଥିଲେ ।" (୩ୟ ପଦ) । ପ୍ରେରିତ ପାଉଲ କହନ୍ତି, "ଯଦି କୌଣସି ଲୋକ ଅସାର ହେଲେ ହିଁ ଆପଣାକୁ ବଡ଼ ବୋଲି ମନେ କରେ, ତେବେ ସେ ନିଜକୁ ପ୍ରବଞ୍ଚନା କରେ ।" (ଗାଲାତୀ ୬:୩ ଓ ରୋମୀୟ ୧୨:୩) ।

ସଦାପ୍ରଭୁ ମୋଶାଙ୍କ ବିଷୟରେ ସାକ୍ଷ୍ୟ ଦେଇ କହନ୍ତି, "...ସେ ଆମ୍ଭର ସମସ୍ତ ଗୃହ ମଧ୍ୟରେ ବିଶ୍ୱାସ ପାତ୍ର ଅଟେ ।" (ଗଣନା ୧୨:୭) । ସଦାପ୍ରଭୁଙ୍କ ବିଶ୍ୱାସପାତ୍ର ବିରୁଦ୍ଧରେ ମରିୟମ କଥା କହଥାଉ । ତାହା ସଦାପ୍ରଭୁ ଶ୍ରବଣ କରିଥିଲେ । ଯୀଶୁକହିଲେ, "ଯେଣୁ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ ।" (ମାଥିଉ ୧୨:୩୭) । ଭକ୍ତ ଯାକୁବଙ୍କ ପତ୍ରରେ, ଜିହ୍ୱାର ବ୍ୟବାହର ଓ ତାହାର ପ୍ରତିଫଳ ବିଷୟରେ ବର୍ଣ୍ଣନା କରନ୍ତି । (ଯାକୁବ ୩:୧-୧୨) । ପ୍ରେରିତ ପାଉଲ କୁବାକ୍ୟ, କୁତ୍ସିତ ବାକ୍ୟ ପରିତ୍ୟାଗ କରି ସର୍ବଦା ମନୋହର, ଲବଣଯୁକ୍ତ ସ୍ୱାଦଯୁକ୍ତ ବାକ୍ୟ କହହିବା ପାଇ ଆଜ୍ଞା ଦିଅନ୍ତି । (ଏଫିସୀ ୪:୨୯,୩୧, ୫:୪; କଲସୀ ୩:୫-୧୦; ୪:୬, ୧ମ ତୀମଥି ୬:୨୦, ୨ୟ ତୀମଥି ୨:୧-୪) । ପଦରେ ଲେଖିଅଛନ୍ତି ।

ଆସ ଆମ୍ଭେମାନେ ମରିୟମ ସଦୃଶ୍ୟ ଆପଣା ଉପରେ ନ୍ୟସ୍ତ କର୍ତ୍ତବ୍ୟ, ବିଶ୍ୱସ୍ତଭାବେ ସମ୍ପନ୍ନ କରୁ । ପରମେଶ୍ୱରଙ୍କ ପ୍ରଶଂସା କରୁ । ଅଦରକାରୀ କଥା ନ କହିବାକୁ, ଆପଣା ଆପଣାକୁ ଆୟତ କରୁ । ସଦାପ୍ରଭୁ ଆମ୍ଭମାନଙ୍କୁ ଦେଖୁଅଛନ୍ତି ଓ ଶୁଣୁ ଅଛନ୍ତି ।

***–Kabita Gootam***

# ମାର୍ଥା କିଅବା ମରିୟମ
## (Martha or Mary)

ଆପଣ ଏକ ମାର୍ଥା ଅବା ଏକ ମରିୟମ ? ଲୂକ ୧୦:୩୮-୪୨ ପଦ ଗୁଡ଼ିକରେ ଆମ୍ଭେମାନେ ଯୀଶୁ, ମାର୍ଥା ଓ ମରିୟମଙ୍କ ଗୃହରେ ଆତିଥ୍ୟ ଗ୍ରହଣ କରିଥିବାର ଘଟଣା ପଢ଼ିଥାଉଁ । ମାର୍ଥା ଅତିଥିମାନଙ୍କ ପରିଚର୍ଯ୍ୟା ଅତି ବ୍ୟତିବ୍ୟସ୍ତ ଥିଲେ, କିନ୍ତୁ ମରିୟମ ଯୀଶୁଙ୍କ ପାଦତଳେ ବସି କହିଲେ, "...ମୋର ଭଉଣୀ ଯେ ଏକାକୀ ପରିଚର୍ଯ୍ୟା ଭାର ପକାଇ ଦେଇଅଛି, ସେ ଆଡ଼କୁ କଅଣ ଆପଣଙ୍କର ମନନାହିଁ ? ତେବେ ମୋତେ ସାହାଯ୍ୟ କରିବା ନିମନ୍ତେ ତାହାଙ୍କୁ କହନ୍ତୁ । କିନ୍ତୁ ପ୍ରଭୁ ତାହାଙ୍କୁ କହିଲେ, ମାର୍ଥା, ମାର୍ଥା, ତୁମ୍ଭେ ବହୁତ ବିଷୟରେ ଚିନ୍ତିତ ଓ ବ୍ୟତିବ୍ୟସ୍ତ ହେଉଅଛ, କିନ୍ତୁ ଅଳ୍ପ କେତୋଟି, ବରଂ ଗୋଟିଏ ମାତ୍ର ପ୍ରୟୋଜନ, ମରିୟମ ତ ଉତ୍ତମ ଭାଗ ମନୋନୀତ କରିଅଛ, ଆଉ ତାହା ତାହାଙ୍କ ଠାରୁ ହରଣ କରାଯିବ ନାହିଁ ।" (ଲୂକ ୧୦:୪୦-୪୨) । ମାର୍ଥା ଶାରିରୀକ ଖାଦ୍ୟ ନିମନ୍ତେ ବ୍ୟତିବ୍ୟସ୍ତ ଥିଲେ, କିନ୍ତୁ ମରିୟମ ଆତ୍ମିକ ଖାଦ୍ୟ ନିମନ୍ତେ ଯୀଶୁଙ୍କ ପାଦ ତଳେ ବସି ଶିକ୍ଷା କରୁଥିଲେ । ଯୀଶୁ ମରିୟମଙ୍କ ଆସକ୍ତିକୁ ପ୍ରଶଂସା କରି, ମାର୍ଥାଙ୍କୁ କେବଳ ଶାରୀରିକ ଖାଦ୍ୟ ନିମନ୍ତେ ବ୍ୟସ୍ତ ନହେବା ପାଇ ଶିକ୍ଷା ଦେଇଥିଲେ ।

ଯୀଶୁଖ୍ରୀଷ୍ଟ ମନୁଷ୍ୟମାନଙ୍କ ଶାରୀରିକ ଆବଶ୍ୟକତା ମଧ୍ୟ ପୂରଣ କରିଥିଲେ । ସେ ଅସଂଖ୍ୟ ଲୋକମାନଙ୍କୁ ସୁସ୍ଥ କରିବା ଓ ଭୋଜନ ପରିବେଷଣ କରିବା, ନୂତନ ନିୟମରେ ପଢ଼ିଥାଉଁ । (ମାଥିଉ ୮:୧-୪, ୧୪,୧୫, ଲୂକ ୬:୧୭-୧୯, ମାର୍କ ୬:୩୫-୪୪, ଯୋହନ ୪:୪-୪୬-୫୪) । ଯୀଶୁଖ୍ରୀଷ୍ଟଙ୍କ କୃତ ଆଶ୍ଚର୍ଯ୍ୟକର୍ମ ସକାଶୁ ଅନେକ ତାହାଙ୍କ ଠାରେ ବିଶ୍ୱାସ କରିଥିଲେ । (ଯୋହନ ୨:୨୪) । ଯୀଶୁଖ୍ରୀଷ୍ଟଙ୍କ କୃତ ଆଶ୍ଚର୍ଯ୍ୟକର୍ମ ଗୁଡ଼ିକର କାରଣ ଆମ୍ଭେମାନେ ଯୋହନ ୨୦:୩୦-୩୧ ପଦଗୁଡ଼ିରେ ଲେଖାଯାଏ, "ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟକର୍ମ ସାଧନ କଲେ , ସେହି ସବୁ ଏହି ପୁସ୍ତକରେ ଲେଖା ହୋଇ ନାହିଁ, କିନ୍ତୁ ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥିନିମନ୍ତେ ଏସମସ୍ତ ଲେଖାଯାଇଅଛି ।" ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ ଦ୍ୱାରା ରୋଗୀମାନଙ୍କୁ ସୁସ୍ଥ କରିବା ଦ୍ୱାରା ଓ ଅସଂଖ୍ୟ କ୍ଷୁଧିତ ଲୋକଙ୍କୁ ଖାଦ୍ୟ ପରିବେଷଣ କରିବା ଦ୍ୱାରା ଆପଣା ଐଶ୍ୱର୍ଯ୍ୟକତା ପ୍ରମାଣିତ କରିଥଲେ । ସେ ଆପଣା ଶିଷ୍ୟମାନଙ୍କୁ ରୋଗୀମାନଙ୍କୁ ସୁସ୍ଥ କରିବା ଓ ଦୁଷ୍ଟଆତ୍ମାକୁ ତଡ଼ି ଦେବାର ଶକ୍ତି ଦେଇଥିଲେ । (ମାଥିଉ ୧୦:୧-୮) । ଦରିଦ୍ରମାନଙ୍କୁ

ସାହାଯ୍ୟ ନ କରିବା ଲୋକ ତାହାଙ୍କ ଶିଷ୍ୟ ହୋଇ ପାରିବେ ନାହିଁ ବୋଲି ଯୀଶୁ ଶିକ୍ଷା ଦେଇଥିଲେ । (ମାଥିଉ ୨୫:୩୪-୪୬) ।

ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପବିତ୍ର ବାକ୍ୟ ଆମ୍ଭମାନଙ୍କୁ ନିର୍ଦ୍ଦେଶନା ଦିଏ । "ଅନାଥ ଓ ବିଧବାମାନଙ୍କୁ ସେମାନଙ୍କ ଦୁଃଖାବସ୍ଥାରେ ସଂଖୋଳିବା ପୁଣି ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଏହା ଆମ୍ଭମାନଙ୍କ ଈଶ୍ୱର ଓ ତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମ ପରାୟଣତା ଅଟେ ।" (ଯାକୁବ ୧:୨୭) । "ସଂଖୋଳିବାର ଅର୍ଥ କେବଳ ସମ୍ବର୍ଦ୍ଧନା କରିବା ନୁହେଁ । ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ଅନାଥ ଓ ବିଧବାମାନଙ୍କୁ ଆବଶ୍ୟକତା ପୂରଣ କରନ୍ତି ।"

ପ୍ରେରିତ ପାଉଲ, ବିଧବାମାନଙ୍କ ଯତ୍ନ ନେବା ନିମନ୍ତେ ୧ମ ତିମଥି ୫:୩-୧୩ ପଦମାନଙ୍କରେ ଲେଖି ଜଣାଇ ଅଛନ୍ତି । ବିଶ୍ୱସ୍ତା ବୃଦ୍ଧା ବିଧବାମାନଙ୍କ ପରିବାର ତାହାଙ୍କ ଯତ୍ନ ନ ନେଲେ, ମଣ୍ଡଳୀ ସେମାନଙ୍କୁ ସଂଖୋଳିବା ଆବଶ୍ୟକ ।

ଏହା କେତେକ ନୂତନ ନିୟମରେ ଆବଶ୍ୟକ ବ୍ୟକ୍ତିମାନଙ୍କ ସାହାଯ୍ୟ କରିବାର ଦୃଷ୍ଟାନ୍ତ । ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ହିଁ ଖ୍ରୀଷ୍ଟିୟାନ ମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ନୁହେଁ, କିନ୍ତୁ ଦରିଦ୍ରମାନଙ୍କୁ ସାହାଯ୍ୟ ନକରି ଆମ୍ଭେମାନେ ପ୍ରକୃତ ଖ୍ରୀଷ୍ଟିୟାନ ହୋଇ ପାରିବା ନାହିଁ । ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ଆମ୍ଭେମାନେ , ଆମ୍ଭମାନଙ୍କ ଖ୍ରୀଷ୍ଟଙ୍କ ପ୍ରତି ପ୍ରେମ ପ୍ରକାଶ ପାଏ । ଆତ୍ମିକ ଶରୀର ଯତ୍ନ ନେଲେ, ଆମ୍ଭମାନଙ୍କ ଈଶ୍ୱର ଗୌରବାନ୍ୱିତ ହେବେ ।

ହଜିଯାଇ ଥିବା ଆତ୍ମାମାନଙ୍କୁ ଖୋଜି ରକ୍ଷା କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଏହି ଜଗତକୁ ଆସିଥିଲେ । (ଲୂକ ୧୯:୨୦) । ସ୍ୱର୍ଗାହରଣ ପୂର୍ବେ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ସର୍ବଜଗତରେ ସୁସମାଚାର ପ୍ରଚାର କରି ମନୁଷ୍ୟମାନଙ୍କୁ ଶିଷ୍ୟ କରିବା ନିମନ୍ତେ ଆଜ୍ଞା ଦେଇଥିଲେ । ( ମାଥିଉ ୨୮:୧୯-୨୦ ଓ ମାର୍କ ୧୦:୧୫-୧୬) । ଆଶ୍ଚର୍ଯ୍ୟକର୍ମ ଦ୍ୱାରା ସେମାନଙ୍କ ପ୍ରଚାରିତ ବାକ୍ୟ ପ୍ରମାମ ସିଦ୍ଧ ହୋଇଥିଲା । (ମାର୍କ ୧୬:୨୦) । ଶାରିରୀକ ଅଭାବ ପୂରଣ ହିଁ ସେମାନଙ୍କ ପ୍ରଧାନ କାର୍ଯ୍ୟ ନହୋଇ, ହଜିଯାଇ ଥିବା ଆତ୍ମା ଗୁଡ଼ିକୁ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବା ହିଁ ସେମାନଙ୍କ ଜୀବନର ଲକ୍ଷ୍ୟ ଥିଲା କ୍ଷୁଦିତକୁ ଖାଦ୍ୟ ଓ ରୋଗୀମାନଙ୍କୁ ସୁସ୍ଥ କରିବା ସେମାନଙ୍କ ପରିଚର୍ଯ୍ୟାର ଅଂଶ ମାତ୍ର ।

ଯୀଶୁଖ୍ରୀଷ୍ଟଙ୍କ ଦତ୍ତ ଆଜ୍ଞା ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ପ୍ରତି ବର୍ତ୍ତାଏ । (ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ; ୨ୟ କରିନ୍ଥୀ ୨:୨) । ହଜିଯାଇ ଥିବା ଆତ୍ମାମାନଙ୍କୁ ଖୋଜି ରକ୍ଷା କରିବା ଆମ୍ଭମାନଙ୍କ ପ୍ରଥମ କର୍ତ୍ତବ୍ୟ । ଶାରିରୀକ ଶରୀର ଠାରୁ ଆତ୍ମିକ ଶରୀରର ଉନ୍ନତି ଶ୍ରେୟସ୍କର ।

ଜନହିତ ଜନକ କାର୍ଯ୍ୟ ଖ୍ରୀଷ୍ଟଙ୍କ ସେବା ପରିଚର୍ଯ୍ୟାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ । ମାର୍ଥା ଆତ୍ମିକ ଖାଦ୍ୟ ଠାରୁ, ଅଧିକ ଭାବେ ଶାରିରୀକ କାଦ୍ୟ ପରିବେଷଣରେ ବ୍ୟସ୍ତ ଥିଲେ । ଆପଣ କେଉଁ ବିଷୟରେ ବ୍ୟତିବ୍ୟସ୍ତ ? ଆପଣ ଏକ ମାର୍ଥା କିଅବା ଏକ ମରିୟମ ?

**–Bonnie Rushmore**

❋❋❋

# ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ
## (The whole duty of man)

ଜ୍ଞାନୀ ଶଲୋମନ କହିଲେ, "... ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞାସବୁ ପାଳନ କର, କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ ।" (ଉପଦେଶକ ୧୨:୧୩) । ରାଜା ଶଲୋମନ ଜାଗତିକ ଧନସମ୍ପଦ, ସୁଖବିଳାସ, ଜ୍ଞାନର ଅନୁସନ୍ଧାନ କରି, ସବୁ ବ୍ୟର୍ଥ ବୋଲି ଜ୍ଞାତ ହୋଇ, ପରମେଶ୍ୱରଙ୍କୁ ଭୟ କରି ତାହାଙ୍କ ଆଜ୍ଞା ପାଳନ କରିବା ହିଁ ମନୁଷ୍ୟର ପ୍ରଥମ କର୍ତ୍ତବ୍ୟ ବୋଲି ଏଠାରେ ବ୍ୟକ୍ତ କରିଅଛନ୍ତି ।

ଜାଗତିକ ବିଷୟରେ ଆସକ୍ତ ହେବା ବ୍ୟର୍ଥ ଓ ମୂର୍ଖତାର ବିଷୟ ବୋଲି ଭବିଷ୍ୟତ ଜନସମୂହ ଯେପରି ଜାଣିପାରିବେ, ଏଥିନିମନ୍ତେ ସେ ଏହା ଲେଖି ଅଛନ୍ତି । କିନ୍ତୁ ସ୍ୱାର୍ଥୀ ମନୁଷ୍ୟ ଜାଗତିକ ଧନସମ୍ପଦ । ସୁଖବିଳାସରେ ଆସକ୍ତରେ ଆସକ୍ତ ହୋଇ ଈଶ୍ୱରଙ୍କ ବାକ୍ୟକୁ ତୁଚ୍ଛ କରେ । ଜାଗତିକ ସୁଖ ଅନ୍ୱେଷଣକାରୀ ମନୁଷ୍ୟ, ଶେଷରେ ଦୁଃଖଭୋଗ କରିବ । ଆପଣା କ୍ଳେଶ ଯାତନାରୁ ଶିକ୍ଷାପ୍ରାପ୍ତ ହୋଇ ମନୁଷ୍ୟ, ରାଜା ଶଲୋମନଙ୍କ ସଦୃଶ୍ୟ ନିତ୍ୟ ଆନନ୍ଦ ପ୍ରାପ୍ତି ନିମନ୍ତେ ସଦାପ୍ରଭୁଙ୍କ ଅନୁସରଣ କରିବା ଆବଶ୍ୟକ ବୋଲି ଜ୍ଞାତ ହୁଏ ।

ପ୍ରିୟ ବନ୍ଧୁ, ଆସ ଆପଣମାନଙ୍କୁ ପରମେଶ୍ୱରଙ୍କ ପ୍ରତି ଭୟ ଓ ତାହାଙ୍କ ଆଜ୍ଞା ଅନୁସରଣ କରିବା ଶିଖାଇବି । ସର୍ବପ୍ରଥମେ, ସୃଷ୍ଟିକର୍ତ୍ତାଙ୍କ ଆଜ୍ଞାପାଳନ କରିବା ନିମନ୍ତେ, ତାହାଙ୍କୁ ଗୌରବାନ୍ୱିତ କରୁ । ଦ୍ୱିତୀୟ ପବିତ୍ର ଓ ପୂଜ୍ୟ ପରମେଶ୍ୱରଙ୍କ ଆଜ୍ଞା ପାଳନ କରୁ । ପରିତ୍ରାଣ ପାଇବା ନିମନ୍ତେ ମନୁଷ୍ୟକୁ ପରମେଶ୍ୱରଙ୍କୁ ଭୟ କରି, ତାହାଙ୍କ ଆଜ୍ଞା ପାଳନ କରିବା ଆବଶ୍ୟକ । ଏହାହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ । ଏହାଠାରୁ ଶ୍ରେଷ୍ଠତର କର୍ତ୍ତବ୍ୟ ଆଉ କିଛି ନାହିଁ । ଯୀଶୁ କହିଲେ, "ଯଦି ତୁମ୍ଭେମାନେ ମୋତେ ପ୍ରେମକର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।" (ଯୋହନ ୧୪:୧୫) । ମନେ ରଖୁ, ଆମ୍ଭେମାନେ ତାହାଙ୍କ ଆଜ୍ଞା ସବୁ ପାଳନ କରୁ ।

❋❋❋

# ଯିହୂଦାଙ୍କ ପାପ

## (Judas' Mistake)

କେବଳ ମୃତ ଓ ଶିଶୁମାନେ ପାପ କରନ୍ତି ନାହିଁ । କେତୋଟି ଛୋଟ ଛୋଟ ପାପ ପ୍ରଭାବ ନଥାଏ । କିନ୍ତୁ ଘୋର ଅପରାଧର ପ୍ରତିଫଳ ଆଜୀବନ–ଅଥବା ଅନନ୍ତକାଳ ପର୍ଯ୍ୟନ୍ତ ଥାଏ ।

ମନୁଷ୍ୟର ଘୋରତର ପାପ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବା ଈଷାରିଥ୍ ଯିହୂଦା ଏହି ପାପରେ ଦୋଷୀ ହୋଇ ଦଣ୍ଡିତ ହୋଇଥିଲେ ।

**ଯିହୂଦାଙ୍କ ଆରମ୍ଭ** :–ଯିହୂଦା ଆରମ୍ଭ ବହୁତ ସୁନ୍ଦର ଥିଲା । ସେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅନ୍ତ ବନ୍ଧୁ ଥିଲେ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ମନୋନୀତ ଓ ଯୀଶୁଙ୍କ ଶିଷ୍ୟଦଳର କୋଷାଦକ୍ଷ ଥିଲେ । ଯୀଶୁଙ୍କ କୃତ ସମସ୍ତ ଆଶ୍ଚର୍ଯ୍ୟକର୍ମର ସଚ୍‌କ୍ଷୁର ସାକ୍ଷୀ ଥିଲେ । କିନ୍ତୁ ଯିହୂଦା ଶୟତାନଙ୍କୁ ତାହାଙ୍କ ହୃଦୟରେ ସ୍ଥାନ ଦେଲା । ସେ ଈଶ୍ୱରହ୍‌କ ପୁତ୍ରଙ୍କୁ ବିଶ୍ୱାସ ଘାତକ କରିବା ନିମନ୍ତେ ରାତ୍ରିର ଅନ୍ଧକାରରେ ଯୀଶୁଙ୍କ ନିକଟକୁ ବିଛିନ୍ନ ହେଲା । (ଯୋହନ ୧୩:୨୬–୩୦) ।

**ଯିହୂଦାଙ୍କ ଚ଼ରିତ୍ର** :–ଯିହୂଦାଙ୍କ ଚ଼ରିତ୍ର ବିଷୟରେ ପ୍ରେରିତ ଯୋହନ ଲେଖନ୍ତି, "...ସେ ଜଣେ ଚୋର, ଆଉ ତାହା ନିକଟରେ ଟଙ୍କାଥଳୀ ଥିବାରୁ । ସେଥିରେ ଯାହା ଯାହା ରଖାଯାଉଥିଲା, ତାହା ସେ ଚୋରି କରି ନେଇ ଯାଉଥିଲା ।" (ଯୋହନ ୧୨:୬) । ଯିହୂଦାଙ୍କ ବିଷୟରେ କୌଣସି ଉତ୍ତମ ବିଷୟ ବାକ୍ୟରେ ଲିଖିତ ହୋଇ ନାହିଁ । ସେ ଜଣେ ଲୋଭୀ ଓ ଚୋର ଥିଲେ ।

ପ୍ରେରିତ ପାଉଲ ଲେଖନ୍ତି, "...କାରଣ ଧନ ଲୋଭ ସମସ୍ତ ଅନିଷ୍ଟର ମୂଳ...।" (୧ମ ତୀମଥି ୬:୧୦) । ଅଧର୍ମର ଧନ ଅଭିଳାସ ହେତୁ, ମାନବ ଜାତିର ବନ୍ଧୁ ଯୀଶୁଖ୍ରୀଷ୍ଟଙ୍କୁ ଯିହୂଦା ବିଶ୍ୱାସ ଗାତକ କରିଥିଲା ।

***–Bill Dillon***

❋❋❋

# ଦ୍ରାକ୍ଷାଲତା ଓ ତାହାର ଶାଖା

## (The vine and Branches)

"ମୁଁ ପ୍ରକୃତ ଦ୍ରାକ୍ଷାଲତା , ପୁଣି ମୋହର ପିତା କୃଷକ । ମୋ ଠାରେ ଥିବା ଯେକୌଣସି ଶାଖା ଫଳ ନ ଫଳେ, ତାହା ସେ କାଟି ପକାନ୍ତି, ଆଉ ଯେକୌଣସି ଶାଖା ଫଳ ଫଳେ, ଅଧିକ ଫଳ ଫଳିବା ନିମନ୍ତେ, ସେ ତାହା ପରିଷ୍କାର କରନ୍ତି ।" "...ମୁଁ ଦ୍ରାକ୍ଷାଲତା, ତୁମ୍ଭେମାନେ ଶାଖା, ଯେ ମୋ'ଠାରେ ରହେ ଓ ମୁଁ ଯାହା ଠାରେ, ସେ ପ୍ରଚୁର ଫଳ ଫଳେ, କାରଣ ମୋ ବିନା ତୁମ୍ଭେମାନେ କିଛି କରି ପାରନାହିଁ ।" (ଯୋହନ ୧୫:୧,୨,୫) ।

ଶାଖା :–ଖ୍ରୀଷ୍ଟୀୟ ମତଶାଖା ମଣ୍ଡଳୀ ଗୁଡ଼ିକ ସେହି "ଶାଖା" ଗୁଡ଼ିକ ବୋଲି ଅନେକ ମନୋଭାବ । କିନ୍ତୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ଏହି ବାକ୍ୟ କହିଥିଲେ । ଶାଖାର ଅର୍ଥ ପ୍ରତ୍ୟେକ ଖ୍ରୀଷ୍ଟିୟାନ । ଏହା ଷଷ୍ଠମ ପଦରୁ ସରଳଭାବେ ବୁଝିପାରୁ । "କେହି ଯେବେ ମୋଠାରେ ନ ରହେ, ତାହାହେଲେ ସେ ଶାଖା ପରି ବାହାରେ ପକାଇ ଦିଆଯାଏ ଓ ଶୁଖିଯାଏ ପୁଣି ଲୋକେ ସେ ଗୁଡ଼ାକ ପୋଡ଼ିଯାଏ ।" ଯଦି ଶାଖା ମତଶାଖା ସମ୍ବନ୍ଧୀୟ ମଣ୍ଡଳୀ ଗୁଡ଼ିକ ଅଟେ । ତେବେ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ଦ୍ରାକ୍ଷାଲତା ଶାଖା ବିହୀନ ଥିଲେ । ଏହି ଅଧ୍ୟାୟରେ ଉପରୋକ୍ତ ବାକ୍ୟର କଅଣ ସରଳଭାବ ବୁଝିବାକୁ ଚେଷ୍ଟା କରିବା ।

ଯେବେ ଏକ ପାପୀ ମନ ପରିବର୍ତ୍ତନ କରି ଖ୍ରୀଷ୍ଟଙ୍କଠାରେ ବାପ୍ତିସ୍ମ ନିଏ, ଖ୍ରୀଷ୍ଟଙ୍କ ସହ ତାହାଙ୍କ ସମ୍ବନ୍ଧ ଓ କର୍ତ୍ତବ୍ୟ ବିଷୟରେ ସେ ଜ୍ଞାତ ହେବା ଆବଶ୍ୟକ । ଦ୍ରାକ୍ଷାଲତା ଓ ତାହାର ଶାଖାର ଉଦାହରଣ ଦ୍ୱାରା ଖ୍ରୀଷ୍ଟ, ତାହାଙ୍କ ଓ ଶିଷ୍ୟମାନଙ୍କ ମଧ୍ୟରେ ଥିବା ସନ୍ନିହିତ ସମ୍ବନ୍ଧ ବିଷୟରେ ବର୍ଣ୍ଣନା କରନ୍ତି ।

ଦ୍ରାକ୍ଷାଲତା ଆପଣାର ଶାଖାଗୁଡ଼ିକ ଦ୍ୱାରା ଫଳ ଉତ୍ପନ୍ନ କରେ । ଶାଖା ଫଳ ଉତ୍ପନ୍ନ କରେ, କିନ୍ତୁ ଶାଖା ଦ୍ରାକ୍ଷାଲତାରେ ସଂଲଗ୍ନ ନ ରହିଲେ ଫଳ ଉତ୍ପନ୍ନ କରି ପାରେ ନାହିଁ । ଖ୍ରୀଷ୍ଟଙ୍କଠାରେ ରହି ଖ୍ରୀଷ୍ଟିୟାନ ଫଳ ଉତ୍ପନ୍ନ କରିବା, ପରମେଶ୍ୱରଙ୍କ ଉଦ୍ଦେଶ୍ୟ ଅଟେ, କିନ୍ତୁ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କଠାରେ ନ ରହିଲେ ଫଳ ଉତ୍ପାଦନ କରିବା ଅସମ୍ଭବ ଲ ଫଳ ଉତ୍ପାଦନ କରିବାର ଶକ୍ତି ଓ ଜୀବନ ଶାଖାର ନାହିଁ କିନ୍ତୁ ଏହା ଦ୍ରାକ୍ଷାଲତାରୁ ପ୍ରାପ୍ତ ହୁଏ ।

ପ୍ରଶ୍ନ ହେଲା, ଖ୍ରୀଷ୍ଟିୟାନ କିପରି ଭାବେ ଖ୍ରୀଷ୍ଟଙ୍କ ଠାରେ ରହି ପାରିବ ? ଉତ୍ତର ଆମ୍ଭେମାନେ ସପ୍ତମ ପଦରେ ପାରିପାରୁ । ଯାହା କହେ, "ଆଉ ମୋହର ବାକ୍ୟ

ତୁମ୍ଭମାନଠାରେ ରୁହେ,...।” ପୁନଃର୍ବାର “...ତୁମ୍ଭେମାନେ ଯେବେ ମୋହର ଆ
ପାଳନ କର, ତାହା ହେଲେ ମୋହର ପ୍ରେମର ସ୍ଥିର ହୋଇ ରହିବ ।” (ଯୋହ
୧୫:୧୦) । ଆତ୍ମିକ ଶିକ୍ଷା ଓ ପ୍ରଥାର ପଥ ପ୍ରଦର୍ଶକ ପବିତ୍ର ଧର୍ମଶାସ୍ତ୍ରର ବାକ୍ୟ
ପ୍ରଧାନ୍ୟତା ବିଷୟରେ ଆମ୍ଭେମାନେ ସର୍ବଦା ଶୁଣି ଆସୁଅଛୁ । ପବିତ୍ର ବାକ୍ୟ ଅନୁସର
କଲେ, ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ରହି ପ୍ରଚୁର ଫଳ ଫଳି ପାରୁ । ଈଶ୍ୱରଙ୍କ ବାକ
ଜ୍ଞାତ ହୋଇ, ଦୈନିକ ଜୀବନ ହୃଦୟ ସହ ପାଳନ ନକଲେ, ତାହାଙ୍କ ସହିତ ସଂଲ
ହୋଇ ରହି ପାରିବୁ ନାହିଁ ।

**ଫଳ ଫଳିବା** :–ପରମେଶ୍ୱରଙ୍କ ନିମନ୍ତେ ଫଳ ନ ଫଳିଲେ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ମହିମାନ୍ୱିତ କରୁ ନାହୁଁ ବୋଲି ପ୍ରତ୍ୟେକ ଖ୍ରୀଷ୍ଟିୟାନ ଜାଣିବା ଆବଶ୍ୟକ । ଉପରୋକ୍ତ ବାକ୍ୟାଂଶରେ ଯୀଶୁ, ତାହାଙ୍କ ନିମନ୍ତେ ଫଳ ଫଳିବା ବିଷ୍ୟରେ ପ୍ରାଧାନ୍ୟତା ଦେଇ ଅଛନ୍ତି ।

ଫଳ ଫଳିବାର ପ୍ରକୃତ ଅର୍ଥ କଅଣ ? ଗାଲାତୀ ୫:୨୨-୨୪ ପଦ ଗୁଡ଼ିକରେ ପ୍ରେରିତ ପାଉଲ ଆତ୍ମାଙ୍କ ଫଳ ବିଷୟରେ ବର୍ଣ୍ଣନା କରନ୍ତି, “କିନ୍ତୁ ଆତ୍ମାଙ୍କ ଫଳ, ପ୍ରେମ, ଆନନ୍ଦ, ମୃଦୁତା ଓ ଆତ୍ମସଂଯମ, ଏହି ସମସ୍ତ ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ । ପ୍ରତ୍ୟେକ ଖ୍ରୀଷ୍ଟିୟାନ ଏହି ସବୁ ଫଳ ଉତ୍ପାନ କରି, ଧାର୍ମିକ ଜୀବନ ଯାପନ କରିବା ଆବଶ୍ୟକ ।”

ଖ୍ରୀଷ୍ଟଙ୍କ ନାମରେ ଉତ୍ତମ କର୍ମ କରି ତାହାଙ୍କ ନିମନ୍ତେ ଫଳ ଉତ୍ପନ୍ନ କରୁ । “ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍‌କର୍ମ ଦେଖି, ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।” (ମାଥିଉ ୫:୧୬) । ମାଥିଉ ୨୫:୩୫-୩୬ ଓ ଯାକୁବ ୨:୧୫-୧୬ ପଦଗୁଡ଼ିକରେ ମନୁଷ୍ୟମାନେ କରି ପାରିବା ସତ୍କର୍ମ ବିଷୟରେ ବର୍ଣ୍ଣନା କରାଯାଏ ।

ଖ୍ରୀଷ୍ଟଙ୍କ ନିମନ୍ତେ ଫଳ ଉତ୍ପାଦନର ଅର୍ଥ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢ଼ାଇ ଆଣିବା । ସ୍ୱର୍ଗରାଜ୍ୟର ବୀଜ ଈଶ୍ୱରଙ୍କ ବାକ୍ୟ ଅଟେ । (ଲୂକ ୮:୧୧) । ଆମ୍ଭେମାନେ ଈଶ୍ୱରଙ୍କ ଉତ୍ତମ ବୀଜ ବିପନ କରନ୍ତି, ସଦାପ୍ରଭୁ ଅଭିବୃଦ୍ଧି ଦିଅନ୍ତି । “ଆପଲ୍ଲ କିଏ ? ପାଉଲ ବା କିଏ ? ସେମାନେ ତ ସେବକ ମାତ୍ର, ଯେଉଁମାନଙ୍କ ଦ୍ୱାରା ପ୍ରତ୍ୟେକଙ୍କୁ ପ୍ରଭୁ ଯେପରି ଦେଇଅଛନ୍ତି, ତଦ୍‌ନୁସାରେ ତୁମ୍ଭେମାନେ ବିଶ୍ୱାସ କରିଅଛ । ମୁଁ ରୋପଣ କରିଅଛି, ଆପଲ୍ଲ ଜଳ ସେଚନ କରି ଅଛନ୍ତି, କିନ୍ତୁ ଈଶ୍ୱର ବୃଦ୍ଧି ସାଧନ କରି ଅଛନ୍ତି ।” (୧ମ କରିନ୍ଥୀ ୩:୫-୮) । ବିନଷ୍ଟ ହେଉଥିବା ଆତ୍ମାଗୁଡ଼ିକ ଖ୍ରୀଷ୍ଟଙ୍କଠାରେ ସଂଯୁକ୍ତ

ହେଲେ, ଫଳ ଉତ୍ପାଦିତ ହେଲେ , ଖ୍ରୀଷ୍ଟିୟାନ ସ୍ୱଳ୍ପ ଓ କେତେକ ଖ୍ରୀଷ୍ଟିୟାନ-ଅଧିକଭାବ ଫଳ ଉତ୍ପନ୍ନ କରନ୍ତି । ପ୍ରତ୍ୟେକ ଆପଣା ଆପଣା ସାମର୍ଥତାନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ । ଅଭିବୃଦ୍ଧି ଦାତା ଓ ପ୍ରତିଫଳଦାତା ପିତା ପରମେଶ୍ୱର ଅଟନ୍ତି ।

**ନିଷ୍ଫଳ ଶାଖା** :—ଜଣେ ମନୁଷ୍ୟ ଖ୍ରୀଷ୍ଟଙ୍କ ନିକଟକୁ ଆସିବା ପରେ, ଫଳହୀନ ହୋଇ, ଖ୍ରୀଷ୍ଟଙ୍କଠୁ ବିଚ୍ଛିନ୍ନ ହେବାର ସମ୍ଭାବନା ଅଛି । "ମୋଠାରେ ଥିବା ଯେକୌଣସି ଶାଖା ଫଳ ନଫଳେ, ତାହା ସେ କାଟି ପକାନ୍ତି, ଆଉ ଯେକୌଣସି ଶାଖା ଫଳ ଫଳେ, ଅଧିକ ଫଳ ଫଳିବା ନିମନ୍ତେ, ସେ ତାହା ପରିଷ୍କାର କରନ୍ତି ।" "...କେହି ଯେବେ ମୋଠାରେ ନ ରହେ, ତାହାହେଲେ ସେ ଶାଖା ପରି ବାହାରେ ପକାଯାଏ ଓ ଶୁଖିଯାଏ, ପୁଣି ଲୋକେ ସେ ଗୁଡ଼ାକ ଏକାଠି କରି ନିଆଁରେ ପକାଇ ଦିଅନ୍ତି ଓ ସେ ଗୁଡ଼ାକ ପୋଡ଼ିଯାଏ ।" (ଯୋହନ ୧୫:୬) ।

ଈଶ୍ୱରଙ୍କ ସନ୍ତାନମାନଙ୍କୁ ଈଶ୍ୱରଙ୍କ ଆତ୍ମା ଦତ୍ତ ହୋଇଅଛି । ପ୍ରେରିତ ପାଉଲ ଫିଲିପିରେ ଥିବା ଈଶ୍ୱରଙ୍କ ସନ୍ତାନମାନଙ୍କୁ କରନ୍ତି, "ପୁଣି, ମୋହର ପ୍ରାର୍ଥନା ଏହି, ତୁମ୍ଭମାନଙ୍କର ପ୍ରେମ ଜ୍ଞାନ ଓ ସମସ୍ତ ଓ ସମସ୍ତ ସୂକ୍ଷ୍ମ ବିଚାରରେ ଅଧିକରୁ ଅଧିକ ବୃଦ୍ଧି ପାଉ, ଯେପରି ତୁମ୍ଭେମାନେ ଉତ୍କୃଷ୍ଟ ବିଷୟ ଗୁଡ଼ିକ ସମର୍ଥନ କରିପାର ପୁଣି ଈଶ୍ୱରଙ୍କ ଗୌରବ ଓ ପ୍ରଶଂସା ଉଦ୍ଦେଶ୍ୟରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଧାର୍ମିକତାର ଯେଉଁ ଫଳ ସେଥିରେ ପରିପୂର୍ଣ୍ଣ ହୋଇ ଖ୍ରୀଷ୍ଟଙ୍କ ଦିନରେ ଶୁଦ୍ଧ ଓ ଅନିନ୍ଦିୟ ହୁଅ ।" (ଫିଲିପ ୧:୯-୧୧) । ଏପରି ଜୀବନ ପ୍ରାର୍ଥନା ଓ ବାଇବଲ ଧ୍ୟାନ କେବଳ ସମ୍ଭବପର ।

***–O.P. Baird***

❊❊❊

# ଇତର ଅଗ୍ନି

## (Profane fire)

"ମାତ୍ର ନାଦବ୍ ଓ ଅବୀହୂ ସୀନୟ ପ୍ରାନ୍ତରରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଇତର ଅଗ୍ନି ଉତ୍ସର୍ଗ କରି ସଦାପ୍ରଭୁଙ୍କ ସମ୍ମୁଖରେ ପ୍ରାଣତ୍ୟାଗ କରିଥିଲେ, ସେମାନଙ୍କର ସନ୍ତାନ ନ ଥିଲା, ଏହେତୁରୁ ଇଲିୟାସର ଓ ଈଥାମର ଆପଣା ପିତା ହାରୋଣଙ୍କ ସାକ୍ଷାତରେ ଯାଜକ କର୍ମ କଲେ । (ଗଣନା ୩:୪) ।

**ଏହି ପାପ କିଏ କରିଥିଲେ ?** :—ମହାଯାଜକ ହାରୋଣଙ୍କ ଦୁଇ ପୁତ୍ର । ସେମାନେ ଯାଜକତ୍ୱ କରିବା ନିମନ୍ତେ ନିଯୁକ୍ତ ହୋଇ ଥିଲେ । ଏହା ସେମାନଙ୍କ ଏକମାତ୍ର କାର୍ଯ୍ୟ ଥିବାରୁ

ସେମାନେ କେଉଁ ପ୍ରକାର ଅଗ୍ନି ବ୍ୟବହାର କରିବା ଆବଶ୍ୟକ ଅଜ୍ଞାତ ଥିବେ ବୋଲି ମନେ କରିବା ମୂର୍ଖତାର ବିଷୟ । ସ୍ୱର୍ଗୀୟ ପିତାଙ୍କ ସନ୍ତାନ ସନ୍ତତି ଯେ ଆମ୍ଭେମାନେ, ଯୀଶୁଙ୍କ ବ୍ୟକ୍ତ (ଯୋହନ ୪:୨୩-୨୪ ପଦରେ) ଆତ୍ମା ଓ ସତ୍ୟରେ ଆରାଧନା ନ କରିବାର ପ୍ରତିଫଳ ଆମ୍ଭେମାନ ଜାଣିବା ଆବଶ୍ୟକ ।

**ସେମାନବଭଙ୍କ ପାପ କଅଣ ଥିଲା ?** :–ଉପରୋକ୍ତ ପଦ କହେ, ସେମାନେ "...ଇତର ଅଗ୍ନି ଉତ୍ସର୍ଗ...।" କରିଥିଲେ । ସେମାନେ ଉତ୍ସର୍ଗ କରିଥିବା ଅଗ୍ନି "ଇତର" ବା "ଆଜ୍ଞାନୁଯାୟୀ" ନ ଥିଲା । ବଳିପୀଠ ଉପରେ ନିତ୍ୟ ପ୍ରଜ୍ଜ୍ୱଳିତ ଅଗ୍ନିରୁ, ସେମାନେ ବ୍ୟବହାର କରିବାର ଥିଲା । ସମସ୍ତ ଉତ୍ସର୍ଗ ତାହାଙ୍କ ଆଜ୍ଞାନୁଯାୟୀ କରିବା ଆବଶ୍ୟକ । କିନ୍ତୁ ଏହି ଯାଜକ ଦ୍ୱୟ ପରମେଶ୍ୱରଙ୍କ ଦ୍ୱାରା ଆଜ୍ଞାପିତ ହୋଇ ନଥିବା ଅଗ୍ନିର ବ୍ୟବହାର କରି ଥିଲେ । ତାହାଙ୍କ ଆଜ୍ଞା ଅମାନ୍ୟ କରିଥିବାର ଅର୍ଥ ତାହାଙ୍କ ଅପମାନ କରିବା । ଅତଏବ ପରମେଶ୍ୱରଙ୍କ ଇଚ୍ଛା କଅଣ ପରୀକ୍ଷା କରୁ ଜାଣୁ, ତଦନୁଯାୟୀ ତାହାଙ୍କ ଆରାଧନା କରୁ ।

**ସେମାନଙ୍କ ପାପର ପ୍ରତିଫଳ** :–ଅନନ୍ତର ହାରୋଣଙ୍କର ପୁତ୍ର ନାଦ୍‌ବ ଓ ଅବୀହୂ ପ୍ରତ୍ୟେକେ ଆପଣା ଆପଣା ଅଙ୍ଗାର ଧାନୀ ନେଇ ତହିଁରେ ଅଗ୍ନି ଦେଇ ତହିଁ ଉପରେ ଧୂପ ରଖିଲେ, ପୁଣି ସଦାପ୍ରଭୁ ଯାହା ଆଜ୍ଞା କରି ନଥିଲା, ଏପରି ଇତର ଅଗ୍ନି ତାହାଙ୍କ ଛାମୁରେ ଉତ୍ସର୍ଗ କଲେ । ତହିଁରେ ସଦାପ୍ରଭୁଙ୍କ ସମ୍ମୁଖରୁ ଅଗ୍ନି ନିର୍ଗତ ହୋଇ ସେମାନଙ୍କୁ ଗ୍ରାସ କଲା ଓ ସେମାନେ ସଦାପ୍ରଭୁଙ୍କ ସମ୍ମୁଖରେ ମଲେ ।" (ଲେବୀ ୧୦:୧-୨) । ସେମାନଙ୍କ କାର୍ଯ୍ୟ ଅସାବଧାନତାର ପ୍ରତିଫଳ । ସେମାନଙ୍କ ଗୁରୁତ୍ୱର ପାପ ହେତୁ ସେମାନେ ତତ୍‌କ୍ଷଣାତ୍ ମୃତ୍ୟୁ ଭୋଗିଲେ ।ଏହି ଘଟଣା ଇଶ୍ରାଏଲ ଜାତି ନିମନ୍ତେ ଏକ ଚେତନା ଥିଲା । ଇତର ଅଗ୍ନି ଇଶ୍ୱରଙ୍କ ନିକଟରେ ଗ୍ରାହ୍ୟ ଯୋଗ୍ୟ ନୁହେଁ । ସେ ଯାହା ଆଜ୍ଞାପିତ କରିଅଛନ୍ତି , ତାହାହିଁ ତାହାଙ୍କ ଗ୍ରାହ୍ୟଯୋଗ୍ୟ ।

ଇଶ୍ୱରଙ୍କ ଆଜ୍ଞାଜ୍ଞାତ ମନୁଷ୍ୟମାନେ କିପରି ତାହାଙ୍କ ଅଗ୍ରାହ୍ୟ ଆରାଧନା ଅର୍ପଣ କରୁଅଛନ୍ତି । ଏହା ଜାଣି ମୁଁ ଆଶ୍ଚର୍ଯ୍ୟାନ୍ୱିତ ହୁଏ । ଅନେକେ ଆରାଧନା ହିଁ କରନ୍ତି ନାହିଁ । ଅନେକେ ଆପଣା କାର୍ଯ୍ୟରେ ବ୍ୟସ୍ତ ରହି, କରନ୍ତି ନାହିଁ । ଅଳସଭାବେ ସମୟ କଟାଇ ସଦାପ୍ରଭୁଙ୍କୁ ଆରାଧନା କରନ୍ତି ନାହିଁ । ଏପରି ବ୍ୟକ୍ତିମାନେ କିପରି ସଦାକାଳ ପର୍ଯ୍ୟନ୍ତ ଆଶା କରିପାରିବେ ? ଏପରି ବ୍ୟକ୍ତିମାନେ ସଦାପ୍ରଭୁଙ୍କ ସହ ବାସ କରି ପାରିବେ ? ନର୍କରେ ଆପଣା ଅନନ୍ତଜୀବନ ବିତାଇବେ, ଆଜିର ଅନେକ ମଣ୍ଡଳୀ କାର୍ଯ୍ୟକର୍ମ ରୂପେ ପରିଣତ କରିଅଛନ୍ତି । ମହାନ ପରମେଶ୍ୱର ତାହାଙ୍କୁ କିପରି ଭାବେ ଆରାଧନା କରିବା ଇଚ୍ଛା କରନ୍ତି, ସେମାନେ ଅଜ୍ଞ ଅଟନ୍ତି । ଯୀଶୁ କହନ୍ତି, "ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକ ଧର୍ମର

ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି । ତୁମ୍ଭେମାନେ ଈଶ୍ୱରଙ୍କ ଆଜ୍ଞା ପରିତ୍ୟାଗ କରି ମନୁଷ୍ୟମାନଙ୍କ ପରମ୍ପରାଗତ ରୀତିନୀତ ଧରି ବସିଅଛ ।" (ମାର୍କ ୭:୭-୮) ।

*–Loy Mitchel*

❋❋❋

# ପରିପକ୍ୱ ଶିଷ୍ୟ

## (Mature disciples)

ପ୍ରତ୍ୟେକ ଶିଷ୍ୟ ଖ୍ରୀଷ୍ଟଙ୍କଠାରେ ପରିପକ୍ୱ ଓ ପୂର୍ଣ୍ଣ ବୟସ୍କ ହେବା ପରମେଶ୍ୱରଙ୍କ ଆକାଂକ୍ଷା । ଅନେକେ ଖ୍ରୀଷ୍ଟଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଅନେକ କାଳ ପର୍ଯ୍ୟନ୍ତ ପରିପକ୍ୱତ ପ୍ରାପ୍ତ ହୁଅନ୍ତି ନାହିଁ । ଅନ୍ୟ କେତେକ ଅଳ୍ପ ସମୟରେ ଅଧିକ ପରିପକ୍ୱତ ଲାଭ କରିଥା'ନ୍ତି । ପରିପକ୍ୱ ଖ୍ରୀଷ୍ଟିୟାନ ବିଷୟରେ ବାକ୍ୟ କଅଣ କହେ ?

**ସେମାନେ ଜାଗତିକ ନୁହନ୍ତି** :–ଆମ୍ଭମାନଙ୍କ ବ୍ୟବହାର ଦ୍ୱାରା ଆମ୍ଭମାନଙ୍କ ସ୍ୱଭାବ ପ୍ରସ୍ଫୁଟିତ ହୁଏ । କରନ୍ଥୀୟ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି, "ଭାଇମାନେ, ମୁଁ ଆତ୍ମିକ ମନା ଲୋକଙ୍କୁ କହିଲା ପରି ତୁମ୍ଭମାନଙ୍କୁ କହି ପାରିଲି ନାହିଁ । କିନ୍ତୁ ଶାରୀରିକ ଲୋକମାନଙ୍କୁ କହି ଓ ଖ୍ରୀଷ୍ଟଙ୍କଠାରେ ଶିଶୁମାନଙ୍କୁ କହିଲା ପରି ତୁମ୍ଭମାନଙ୍କୁ କହିଲି, ମୁଁ ତୁମ୍ଭମାନଙ୍କୁ ଦୁଗ୍ଧ ପାନ କରାଇ ଅନ୍ୟ ଖାଦ୍ୟ ଦେଲି ନାହିଁ, କାରଣ ତୁମ୍ଭେମାନେ ତାହା ଗ୍ରହଣ କରିବାକୁ ସମର୍ଥ ନଥିଲ, ଆଉ ଏବେ ମଧ ସମର୍ଥ ହୋଇ ନାହିଁ । ଯେଣୁ ଏ ପର୍ଯ୍ୟନ୍ତ ତୁମ୍ଭେମାନେ ଶାରରୀରିକ ଅଟ ।" କାରଣ ଯେତେବେଳେ ତୁମ୍ଭମାନଙ୍କ ମଧ୍ୟରେ ଈର୍ଷା ଓ ବିବାଦ ରହିଅଛି । ତୁମ୍ଭେମାନେ କି ଶାରୀରିକ ନୁହଁ ଓ ମନୁଷ୍ୟର ସ୍ୱଭାବ ଅନୁସାରେ କି ଆଚରଣ କରୁନାହଁ ? (୧ମ କରିନ୍ଥୀ ୩:୧-୩) ।

**ସମସ୍ତଙ୍କ ସହ ଶାନ୍ତିରେ ରହନ୍ତୁ** :– "ପ୍ରଭୁଙ୍କଠାରେ ଏକମନା ହେବା ନିମନ୍ତେ ମୁଁ ଇୟଦିଆ ଓ ସନ୍ତୁଖୀ ଉଭୟଙ୍କୁ ଅନୁରୋଧ କରୁଅଛି । ପୁଣି, ହେ ପ୍ରକୃତ ସହକାରୀ ଏହି ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ତୁମ୍ଭକୁ ମଧ ନିବେଦନ କରୁଅଛି, କାରଣ ଏମାନେ କ୍ଲେମେନସ୍ ଓ ମୋହର ଅନ୍ୟ ସହକର୍ମୀମାନଙ୍କ ସଙ୍ଗରେ ସୁସମାଚାର କାର୍ଯ୍ୟରେ ମୋ ସହିତ ପରିଶ୍ରମ କରି ଅଛନ୍ତି । ସେହି ସହକର୍ମୀମାନଙ୍କର ନାମ ଜୀବନ ପୁସ୍ତକରେ ଅଛି ।" (ଫିଲିପ ୪:୨-୩) । ଖ୍ରୀଷ୍ଟଙ୍କ ମଣ୍ଡଳୀର ଏହି ଦୁଇ ଖ୍ରୀଷ୍ଟଙ୍କ ମଣ୍ଡଳୀଙ୍କ କାର୍ଯ୍ୟ

ପ୍ରଶଂସନୀୟ । ସେମାନେ ପାଉଲ ଓ ଅନ୍ୟ ସହକର୍ମୀମାନଙ୍କ ସହ ସୁସମାଚାର କାର୍ଯ୍ୟରେ ପରିଶ୍ରମ କରିଥିଲେ । ସେମାନଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ଅଛି ବୋଲି ପ୍ରେରିତ ପାଉଲ ଦୃଢ଼ତା ସହ ଏଠାରେ ସାକ୍ଷ୍ୟ ଦିଅନ୍ତି । ସେମାନେ ଉତ୍ତମ କାର୍ଯ୍ୟରେ ବ୍ୟସ୍ତ ସେମାନେ ପକ୍ଷପାତି ନୁହନ୍ତି । ପରନିନ୍ଦା କରନ୍ତି ନାହିଁ ।

**ସେମାନେ ଧାର୍ମିକତାର ଜୀବନଯାପନ କରନ୍ତି** :-ପରିପକ୍ୱ ଖ୍ରୀଷ୍ଟିୟାନମାନେ ଅଧର୍ମ ନିମନ୍ତେ ଆପଣା ଆପଣା ଅଙ୍ଗପ୍ରତ୍ୟଙ୍ଗକୁ ଦାସରୂପେ ସମର୍ପଣ ନ କରି ପବିତ୍ରତାର ଅନୁସରଣ କରନ୍ତି । (ରୋମୀୟ ୬:୧୯) । ସେମାନେ ଦୁଷ୍ଟ କିଅବା ଗର୍ବୀ ନୁହନ୍ତି । ସେମାନେ ଆତ୍ମାଭିମାନୀ ମଧ୍ୟ ନୁହନ୍ତି ।

**ପରିପକ୍ୱ ଖ୍ରୀଷ୍ଟିୟାନମାନେ ସ୍ଥିର ଅଟନ୍ତି** :-ଏଫିସୀ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ପାଉଲ ଲେଖନ୍ତି "ଶେଷରେ ଯେପରି ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ଓ ଈଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ଏକତା ପ୍ରାପ୍ତ ହେଉ ଅର୍ଥାତ୍ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣନୁସାରେ ପୂର୍ଣ୍ଣବୟସ୍କ ପୁରୁଷ ହେଉ, ଯେପରି ଆମ୍ଭେମାନେ ଆଉ ଶିଶୁ ପରି ନ ହେଇ ମନୁଷ୍ୟମାନଙ୍କ ଶଠତା ଓ ଭ୍ରାନ୍ତିଯୁକ୍ତ କଳ୍ପନା ଅନୁସାରେ ଧୂର୍ତ୍ତତା ଦ୍ୱାରା ବିଭିନ୍ନ ଶିକ୍ଷାରୂପ ବାୟୁରେ ଇତସ୍ତତଃ ଚାଳିତ ନ ହେଉ...।" (ଏଫିସୀ ୪:୧୩-୧୪) ।

**ପରିପକ୍ୱ ଖ୍ରୀଷ୍ଟିୟାନମାନେ ମହିମାନ୍ୱିତ ଖ୍ରୀଷ୍ଟଙ୍କ ଅପେକ୍ଷାରେ ଅଛନ୍ତି** :-ତେଣୁ କରି ସେମାନେ ଏହି ଜଗତରେ ଶ୍ରମ ଅନୁଭବ କରି ଆପଣା ଆପଣାକୁ ପବିତ୍ରକୃତି କରନ୍ତି । ପବିତ୍ରକୃତ ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ଆଗମନ ସମୟରେ ତାହାଙ୍କ ଦକ୍ଷିଣ ପାର୍ଶ୍ୱରେ ବସିବା ନିମନ୍ତେ ଆପଣା ଆପଣାକୁ ପ୍ରସ୍ତୁତ କରିଅଛନ୍ତି । ବାକ୍ୟ କହେ, "ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ସେହି ଆତ୍ମା ସ୍ୱୟଂ ଆମ୍ଭମାନଙ୍କ ଆତ୍ମା ସହିତ ସାକ୍ଷ୍ୟ ପ୍ରଦାନ କରନ୍ତି । ଆଉ ଯଦି ସନ୍ତାନ, ତେବେ ଉତ୍ତରାଧିକାରୀ, ଅର୍ଥାତ୍ ଯଦି ଖ୍ରୀଷ୍ଟଙ୍କ ସହିତ ଗୌରବାନ୍ୱିତ ମଧ୍ୟ ହେବା ନିମନ୍ତେ ଆମ୍ଭେମାନେ ତାହାଙ୍କ ସଙ୍ଗରେ ଦୁଃଖଭୋଗ କରୁ । ତେବେ ଈଶ୍ୱରଙ୍କ ଉତ୍ତରାକାରୀ ଓ ଖ୍ରୀଷ୍ଟଙ୍କ ସହଉତ୍ତରାକାରୀ ଅଟୁ । କାରଣ ମୋ ବିଚାରରେ ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ, ତାହ ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖଭୋଗ କିଛିହିଁ ନୁହେଁ ।" (ରୋମୀୟ ୮:୧୬-୧୮) । "ଦେଖ ପିତା ଆମ୍ଭମାନଙ୍କୁ କି ପ୍ରକାର ପ୍ରେମଦାନ କରି ଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ ଆମ୍ଭେମାନେ ତାହାହିଁ ଅଟୁଁ । ଏଥି ସକାଶେ ଜଗତ ଆମ୍ଭମାନଙ୍କୁ ଚିହ୍ନୁ ନାହିଁ । କାରଣ ତାହାଙ୍କୁ ଚିହ୍ନି ନଥିଲା । ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁଁ ଆଉ ଆମ୍ଭେମାନେ କଅଣ ହେବା, ତାହ

ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ । ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ୍ୟ ହେବା, କାରଣ ସେ ଯେପରି ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା । ଆଉ ଯେକେହି ତାହାଙ୍କଠାରେ ଏହି ଭରସା ସ୍ଥାପନ କରିଅଛି । ସେ ଯେପରି ପବିତ୍ର ଅଟନ୍ତି , ସେ ସେପରି ଆପଣାକୁ ପବିତ୍ର କରେ ।" (୧ମ ଯୋହନ ୩:୧-୩) ।

ଖ୍ରୀଷ୍ଟଙ୍କ ଅନୁଚରମାନେ ଧିରେ ଧିରେ ତାହାଙ୍କ ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ ହେବାହିଁ ପରମେଶ୍ୱରଙ୍କ ଅଭିମତ ଅଟ । ଆମ୍ଭେମାନେ ଆପଣା ଆପଣାକୁ ତାହାଙ୍କ ସାଦୃଶ୍ୟରେ ପରିବର୍ତ୍ତିତ କରୁ । ଖ୍ରୀଷ୍ଟଙ୍କ ଆମ୍ଭମାନଙ୍କ ଜୀବନରେ ଆହ୍ୱାନ କରି, ତାହାଙ୍କ ଆଜ୍ଞାପାଳନ ଦ୍ୱାରା ଆବଶ୍ୟକୀୟ ପରିବର୍ତ୍ତନ ସମ୍ଭବପର । ୨ୟ କରିନ୍ଥି ୩:୧୮ରେ ପ୍ରେରିତ ପାଉଲ କହନ୍ତି, "କିନ୍ତୁ ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁଙ୍କ ଗୌରବ ଦେଖୁ ଦେଖୁ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ, ଯେଣୁ ପ୍ରଭୁ ଯେ କି ଆତ୍ମା ତାହାଙ୍କ ଠାରୁ ଏହି ସବୁ ହେଉଅଛି ।" ଆତ୍ମାଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ଜୀବନରେ ପରିବର୍ତ୍ତନ ଆଣନ୍ତି । ଏହି ପରିବର୍ତ୍ତନ କେତେକଙ୍କୁ ଅଳ୍ପ ସମୟ ଲାଗେ ଓ କେତେକ ଦୀର୍ଘ ସମୟ ଲାଗେ । କିନ୍ତୁ ପରିବର୍ତ୍ତନ ବିନା, ଆମ୍ଭେମାନ ଖ୍ରୀଷ୍ଟଙ୍କ ଗୌରବ ପ୍ରତିମ୍ବିତ କରି ନପାରୁ ।

**–K.S. Swamidass**

❋❋❋

# ମାତା ମହାନ

## (Mother are Important)

ସେ, ତାହାଙ୍କ କୋଳରେ ଆରାମରେ ଶୋଇଥିଲେ । ପିତା ପରମେଶ୍ୱର ତାହାଙ୍କ ଉପରେ ସଂପୂର୍ଣ୍ଣ ଭରସା ଥିଲା । ସେ ଅନେକ କନ୍ୟାମାନଙ୍କ ମଧ୍ୟରୁ ମନୋନୀତା । ରାଜାମାନଙ୍କ ରାଜାଙ୍କର ଏହି ଜଗତରେ ପ୍ରବେଶ କରିବା ନିମନ୍ତେ ଏକ ସ୍ତ୍ରୀକୁ ମନୋନୀତ କରିଥିଲେ । ମାତାମାନେ ସ୍ୱର୍ଗରାଜ୍ୟରେ ମୁଖ୍ୟପାତ୍ର ବହନ କରିଥାନ୍ତି ।

"ପରେ ଷଷ୍ଠ ମାସରେ ଗାବ୍ରୀଏଲ ଦୂତ ଈଶ୍ୱରଙ୍କ ନିକଟକୁ ପ୍ରେରିତ ହେଲେ ଦାଉଦଙ୍କ ବଂଶର ଯୋସେଫ୍ ନାମକ ଜଣେ ପୁରୁଷଙ୍କ ସହିତ ତାଙ୍କର ବିବାହ ନିର୍ବନ୍ଧ ହୋଇଥିଲା । ସେହି କନ୍ୟାଙ୍କ ନାମ ମରିୟମ । ସେ ଗୃହରେ ପ୍ରବେଶ କରି ତାଙ୍କ ନିକଟକୁ ଆସି କହିଲେ, ଆଗୋ ଅନୁଗ୍ରହ ପାତ୍ରୀ ତୁମ୍ଭର ମଙ୍ଗଳ ହେଉ, ପ୍ରଭୁ ତୁମ୍ଭର ସହବର୍ତ୍ତୀ ।" (ଲୂକ ୧:୨୬-୨୮) ।

ଶିଶୁଯୀଶୁ ଶାରୀରିକ ଭାବେ ଓ ଆତ୍ମିକଭାବେ ବୃଦ୍ଧି ପାଇବାକୁ ଲାଗିଲେ । ଯିହୂଦୀ ମତାନୁଯାୟୀ ସେମାନଙ୍କୁ ପ୍ରତିବର୍ଷ ଯିରୁସାଲମକୁ ଯିବାକୁ ପଡୁଥିବା । ଯୀଶୁଙ୍କ ବାରବର୍ଷ ବୟସ ସମୟରେ, ପର୍ବ ସମାପ୍ତ କରି ଫେରି ଆସିବା ସମୟରେ ଯୀଶୁ ଯିରୁଶାଲମର ମନ୍ଦିରରେ ରହିଗଲେ । ଯୋସେଫ ଓ ମରିୟମ, ଯୀଶୁ ସହଯାତ୍ରୀମାନଙ୍କ ସଙ୍ଗରେ ଅଛନ୍ତି ବୋଲି ମନେ କରି ଦିନକର ବାଟ ଚାଲିଗଲେ । ଆତ୍ମୀୟ ଓ ପରିଚିତମାନଙ୍କ ମଧ୍ୟରେ ତାହାଙ୍କର ଅନ୍ୱେଷଣ କରି ତାହାଙ୍କୁ ଖୋଜୁ ଖୋଜୁ ଯିରୁଶାଲମକୁ ଫେରିଗଲେ ।

ତିନିଦିନ ପରେ କାତର ମରିୟମ ତାହାଙ୍କୁ କହିଲେ, "...ପୁଅରେ ଆମ୍ଭମାନଙ୍କ ପ୍ରତି କାହିଁକି ଏପରି ବ୍ୟବହାର କଲୁ...ଏଥିରେ ସେ ସେମାନଙ୍କୁ କହିଲେ କାହିଁକି ତୁମ୍ଭେମାନେ ମୋତେ ଖୋଜୁଥିଲ ? ମୋହର ପିତାଙ୍କ ଗୃହରେ ରହିବା ଯେ ମୋହର କର୍ତ୍ତବ୍ୟ ଏହା କଅଣ ଜାଣି ନଥିଲ ?" (ଲୂକ ୨ : ୪୯) । ମାତୃସ୍ନେହରେ ବିଭୋଳ ମରିୟମ, ତାହାଙ୍କ ପୁତ୍ର ଯେ ଖ୍ରୀଷ୍ଟ ଅଟନ୍ତି ସେ ସମୟରେ ଭୁଲିଯାଇ ତାହାଙ୍କ ନିମନ୍ତେ ଚିନ୍ତିତ ହୋଇ ଉଠିଥିଲେ, କିନ୍ତୁ ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ପାଳନ ହିଁ ତାହାଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ।

ମରିୟମ, ଯୀଶୁ ଖ୍ରୀଷ୍ଟଙ୍କୁ ଏକ ଈଶ୍ୱରଙ୍କ ଲୋକ ସଦୃଶ୍ୟ ବୃଦ୍ଧି ପାଇବା ଦେଖିଥିଲେ । ତାହାଙ୍କ କୃତ ପ୍ରଥମ ଆଶ୍ଚର୍ଯ୍ୟକର୍ମ ସମୟରେ ମରିୟମ ତାହାଙ୍କ ସହିତ ଥିଲେ । ବିବାହ ଭୋଜରେ ଦ୍ରାକ୍ଷାରସ ସରିଯିବାରୁ ସେ ଯୀଶୁଙ୍କୁ କହିଲେ, "ସେମାନଙ୍କର ଦ୍ରାକ୍ଷାରସ ନାହିଁ ।" (ଯୋହନ ୨ :୩) । ସେ ସେଠାସ୍ଥିତ ପରିଚାରକଙ୍କୁ କହିଲେ, "...ସେ ତୁମ୍ଭମାନଙ୍କୁ ଯାହା କିଛି କହନ୍ତି, ତାହା କର । (୫ମ ପଦ) । ପ୍ରଭୁ ସେ ଦିନ ୧୮୦ ଗେଲନ୍ ଜଳକୁ ଆଶ୍ଚର୍ଯ୍ୟଭାବ ଦ୍ରାକ୍ଷାରସରେ ପରିବର୍ତ୍ତିତ କରିଥିଲେ । ତାହାଙ୍କ ନୂତନ ଶିକ୍ଷ୍ୟମାନେ ତାହାଙ୍କଠାରେ ବିଶ୍ୱାସ କରିଥିଲେ ।"

ଅନ୍ଧକାରମୟ ମୃତ୍ୟୁ ଦିବସରେ ମରିୟମ, ଯୀଶୁଙ୍କ ସହିବ ଥିଲେ । 'ମରିୟମ' ନାମରେ ପରିଣତ ତିନୋଟି ସ୍ତ୍ରୀ ସେଠାରେ ଉପସ୍ଥିତ ଥିଲେ । (ଯୋହନ ୧୯ : ୨୫) । ସେ କ୍ରନ୍ଦନ କରିବା ସମୟରେ ଖ୍ରୀଷ୍ଟଙ୍କ ସନ୍ନିହିତ ଶିଷ୍ୟ ଯୋହନ ତାହାଙ୍କ ସହିତ ଥିଲେ । କ୍ରୁଶରେ ଟଙ୍ଗା ଯାଇ, ବେଦନାଗ୍ରସ୍ତ ଯୀଶୁ ପ୍ରଭୁ କୋମଳ ସ୍ୱରରେ କହିଲେ, "...ଗୋ ନାରୀ ଦେଖ, ତୁମ୍ଭର ପୁତ୍ର । ତପ୍ପରେ ସେ ଶିଷ୍ୟଙ୍କୁ କହିଲେ, ଦେଖ ତୁମ୍ଭର ମାତା....।" (ଯୋହନ ୧୯:୨୬-୨୭) । ଈଶ୍ୱରଙ୍କ ପୁତ୍ର ତାହାଙ୍କ ଜାଗତିକ ମାତା ପ୍ରତି ପ୍ରେମ କରୁଥିଲେ । ତାହାଙ୍କ ସଂରକ୍ଷଣର ଭାର, ତାହାଙ୍କ ପ୍ରିୟତମ ଶିଷ୍ୟଙ୍କୁ ସମର୍ପି ଥିଲେ ।

ହଁ, ପ୍ରକୃତରେ ମାତାମାନେ ମହାନ ଅଟନ୍ତି ।

*–Donny Weimar*

❋❋❋

Edited & Published by : K...ika & Joshua Gootam

# EXCUSES

## LK.14:16-24;GEN.3:9-13

**INTRODUCTION:**

1.Many try to excuse themselves in regard to their duties and oppor tunities.

2.Such is true in all walks of life, but especially in regard to Church atten dance.

3.An excuse is an apology for that which has or has not been done.

4.In other words,the excuse is offerd to attempt to cover up,or to justfy.

5.There is a difference between an excuse and a reason.

**DISCUSSION:**

**A. Excuses That Are Offered For Not Attending The Assemblies;**

1."The weather was bad"(Matt.5:16).

a.It is never too bad to go town.

Don't let the weather keep us from our work.

**2."I didn't feel like going."(1 Pet. 2:21)**

a. Were you sick enough to have a doctor?

b. Did it keep you at home the next day?

**3."I didn't have a way ."(Acts 8:26).**

a. How far away did you live?

b. Did you call someone to come after you?

c. Dose distance to hinder you in other ways?

**4."The children didn't want to go."(Eph.6:4)**

a. But the children are to be taken.

b. Parents are to train their children.

**5."The congreation isn't friendly."(Acts2:42)**

a.Have you put forth any effort to be friendly?

b. Regardless of the congregation,you are to worship.

**6.“It isn’t neccessary that one go every sunday.”(Acts20:7)**

a. Who gave you the right to come to that conclusion?

b.The Bible teachers that the disciples met each Lord’s day?

**7.“We had company.”(Lu.9:23)**

a. Did you invite your company to go to worship?

b. Would you allow them to keep you from missing work?

**8.“We went visiting.”(Matt.6:33).**

a. Couldn’t you have waited until a fter worship?

b. What if the Lord had come while you were visiting?

**CONCLUSION:**

1.Are you bad to make excuses?

2.Quit fooling yourelf and like a Christian.

3.Remember,you are accountable to God.

J.C.Choate.

*Printed Book Only*

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)